


ପାଠ-୧୪

# କିଏ ଭାରୀ କିଏ ହାଲୁକା ଜାଣିବା

**ଉଠାପକା ଖେଳ :**

ମାଙ୍କଡ଼, ଛେଳି ଓ ବିଲେଇମାନଙ୍କ ମଧ୍ୟରେ ଉଠାପକା ଖେଳ ଚାଲିଛି ।





ମାଙ୍କଡ଼ଟି ଦୌଡ଼ି ଆସି ଗୋଟିଏ ପଟରେ ବସିଲା । ସେ ବସିଥିବା ପାଖଟି ତଳକୁ ନଇଁଗଲା । ଅନ୍ୟମାନଙ୍କୁ ଡାକି କହିଲା, "କିଏ ମୋତେ ଉପରକୁ ଉଠାଇ ପାରିବ ?"

ଏହା ଶୁଣି ବିଲେଇମାନେ ଦୌଡ଼ିଲେ । ପ୍ରଥମେ ଗୋଟିଏ ବିଲେଇ ଯାଇ ଅନ୍ୟ ପଟେ ବସିଲା । କିନ୍ତୁ ଉଠାପକା ଖେଳର ପଟାଟି ସମାନ ହେଲା ନାହିଁ ।

ମାଙ୍କଡ଼ ଥିବା ପଟଟି ତଳକୁ ନଇଁଗଲା ।



ଏବେ କହ :

ମାଙ୍କଡ଼ ବସିଥିବା ପଟଟି କାହିଁକି ତଳକୁ ନଇଁଗଲା ?

ପୁଣି ଆଉ ଦୁଇଟି ବିଲେଇ ଆସି ପଟାର ଅନ୍ୟପାଖରେ ବସିପଡ଼ିଲେ ।



ଏବେ ମାଙ୍କଡ଼ ବସିଥିବା ପାଖ ଓ ବିଲେଇମାନେ ବସିଥିବା ପାଖ ଭୂମିଠାରୁ ସମାନ ଉଚ୍ଚତାରେ ରହିଲା ।

ପଟାର ଗୋଟିଏ ପଟେ ମାଙ୍କଡ଼ ଓ ଅନ୍ୟପଟେ ତିନୋଟି ବିଲେଇ ବସିବାରୁ ପଟାଟି ଭୂମିଠାରୁ ସମାନ ଉଚ୍ଚାରେ ରହିଲା କାହିଁକି ?



ଏହା ପରେ ଛେଳି ଆସି ବସିଲା । ସେ ବସିଥିବା ପାଖଟି ତଳକୁ ନଇଁଗଲା । ମାଙ୍କଡ଼ ହଠାତ୍ କହିପକାଇଲା,- "ହେ ଛେଳିଭାଇ, ତୁମେ ମୋତେ ଜିତିଗଲ ।"

ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) ମାଙ୍କଡ଼ ଓ ଛେଳି ମଧ୍ୟରୁ କାହାର ଓଜନ ଅଧିକ ? ________

(ଖ) ମାଙ୍କଡ଼ ଓ ବିଲେଇ ମଧ୍ୟରୁ କାହାର ଓଜନ ଅଧିକ ? ________

(ଗ) ବିଲେଇ ଓ ଛେଳି ମଧ୍ୟରୁ କାହାର ଓଜନ ଅଧିକ ? ________

(ଘ) ମାଙ୍କଡ଼ର ଓଜନ କେତୋଟି ବିଲେଇର ଓଜନ ସହ ସମାନ ? ________

(ଙ) ଛେଳି, ବିଲେଇ ଓ ମାଙ୍କଡ଼ ମଧ୍ୟରୁ କାହାର ଓଜନ ଅଧିକ ? ________


(ଚ) ତିନୋଟି ବିଲେଇର ଓଜନ ମିଶି ଛେଳିର ଓଜନଠାରୁ ଅଧିକ କି ? ________

## ଛୋଟୁ - ମୋଟୁଙ୍କ କଳି :


ଛୋଟୁ ଓ ମୋଟୁ ରାସ୍ତାରେ ଯାଉଥିଲେ ।

ବାଟରେ ଗୋଟିଏ ବସ୍ତା ପାଇଲେ ।

ବସ୍ତା ଭିତରେ ଥିଲା କେତେଗୁଡ଼ିଏ ମୂଳା ।



ଦୁଇଜଣଙ୍କ ମଧ୍ୟରେ ଲାଗିଲା କଳି ।






ଦୁଇଜଣଙ୍କ ମଧ୍ୟରେ ମୂଳାକୁ ସମାନ ଭାଗ କରିବାକୁ ପଡ଼ିବ ।
କେତେଗୁଡ଼ିଏ ବଡ଼ ମୂଳା ଅଛି ଓ କେତେଗୁଡ଼ିଏ ସାନମୂଳା ଅଛି ।
ଆମେ କ'ଣ କରିବା ?

ଦୁଇଜଣଙ୍କ ମଧ୍ୟରେ ସମାନ ଭାଗ କରିବା ପାଇଁ ମେଣ୍ଢା ଗୋଟିଏ ଜିନିଷ ଆଣିଲା ।

ମେଣ୍ଢା କ'ଣ ଆଣିଥିଲା ତୁମେ କହିପାରିବ କି ?


ମେଣ୍ଢା ଗୋଟିଏ ନିକିତି ଆଣିଥିଲା ।


ଡାହାଣପାଖ କୋଠରି ମଧ୍ୟରେ

ଗୋଟିଏ ନିକିତିର ଚିତ୍ର ତିଆରି କର ।


● ତଳ ଚିତ୍ର ଦେଖ, ଯାହାର ଓଜନ ବେଶୀ, ତା'କୁ ରଙ୍ଗ ଦିଅ ।


(କ)







(ଖ)







(ଗ)






(ଘ)





ତୁମେ ଘର ପାଖ ଦୋକାନକୁ ଯାଇଥିବ ।
ଦୋକାନୀ ନିକିତିରେ ଜିନିଷ ଓଜନ କରିବାର ଦେଖିଥିବ ।
ଦୋକାନୀ ନିକିତିରେ କେଉଁ ସବୁ ଜିନିଷ ଓଜନ କରେ ଲେଖ ।



.................................................

.................................................


.................................................

.................................................

ଦିଆଯାଇଥିବା ଚିତ୍ରକୁ ଦେଖ । ଏହା ଏକ ତରାଜୁର ଚିତ୍ର ।
ତରାଜୁର ଦୁଇଟି ପଲା ଅଛି ।
ଡାହାଣପଟ ପଲାରେ ଗୋଟିଏ କ୍ରିକେଟ୍ ବ୍ୟାଟ୍ ରଖାଯାଇଛି ଓ ବାମପଟ ପଲାରେ ଗୋଟିଏ କ୍ରିକେଟ୍ ବଲ୍ ଅଛି ।



- ତରାଜୁର କେଉଁ ପଟ ପଲାଟି ତଳକୁ ଅଛି ?
- କ୍ରିକେଟ ବ୍ୟାଟ୍ ଓ କ୍ରିକେଟ୍ ବଲ୍ ମଧ୍ୟରୁ କାହାର ଓଜନ ଅଧିକ ?



- ତୁମ ବିଦ୍ୟାଳୟରେ ଥିବା ତରାଜୁଟିକୁ ନିଅ ।
- ତରାଜୁଟିର ବାମପଟ ପଲାରେ ଖଣ୍ଡିଏ ଇଟା ପକାଅ ।
- ତୁମେ ଦେଖିବ ଯେ, ତରାଜୁର ବାମପଟ ପଲା ତଳକୁ ହୋଇ ଯାଉଛି ।
- କେତେଗୁଡ଼ିଏ ଗୋଡ଼ି ଡାହାଣ ପଟ ପଲାରେ ପକାଅ, ଯେପରି ଇଟାଖଣ୍ଡର ଓଜନ ସହ ସେଗୁଡିକର ଓଜନ ସମାନ ହେବ ।
- ଡାହାଣ ପଟ ପଲାରେ କେତୋଟି ଗୋଡ଼ି ପକାଇଲ ଗଣି ଲେଖ ।

# ଅଭ୍ୟାସ କାର୍ଯ୍ୟ

୧.



(କ) ଏମାନଙ୍କ ମଧ୍ୟରୁ କିଏ ନଈ ପାରି ହୋଇ ପାରିବ ? ..................................

(ଖ) କାହାର ଓଜନ ବେଶୀ ? ..................................

(ଗ) କାହାର ଓଜନ କମ୍ ? ..................................

୨.







(କ) ଏ ଦୁଇଟିରୁ ତୁମେ କାହାକୁ ଉଠାଇ ପାରିବ ? ..................................

(ଖ) କେଉଁଟିକୁ ଉଠାଇ ପାରିବନାହିଁ ? ..................................

(ଗ) କାହାର ଓଜନ ବେଶୀ ? ..................................


(ଘ) କାହିଁକି ଉଠାଇ ପାରିବନାହିଁ କୁହ ।


୩. କେଉଁ ପଶୁ କେଉଁ ଜିନିଷକୁ ବୋହି ନେଇ ପାରିବ ? ଗାର ଟାଣି ଯୋଡ ।









୪. ତରାଜୁର ଗୋଟିଏ ପଟ ପଲାରେ ଥରକୁ ଥର ଡଷ୍ଟର୍, କଲମ, ପେନ୍ସିଲ୍, ଚକ୍ ରଖି ଅନ୍ୟପଟେ ପଲାରେ ତେନ୍ତୁଳିମଞ୍ଜି ପକାଅ । କେତୋଟି ତେନ୍ତୁଳିମଞ୍ଜି ପକାଇଲେ ତରାଜୁର ଦୁଇଟି ଯାକ ପଲା ଭୂମିଠାରୁ ସମାନ ଉଚ୍ଚତାରେ ରହିବ ଗଣି ଲେଖ ।

| **ଜିନିଷର ନାମ** | **ତେନ୍ତୁଳି ମଞ୍ଜିର ସଂଖ୍ୟା** |
|---|---|
| ଡଷ୍ଟର୍ | ........ ଟି ତେନ୍ତୁଳିମଞ୍ଜି |
| କଲମ | ........ ଟି ତେନ୍ତୁଳିମଞ୍ଜି |
| ପେନ୍ସିଲ୍ | ........ ଟି ତେନ୍ତୁଳିମଞ୍ଜି |
| ଚକ୍ | ........ ଟି ତେନ୍ତୁଳିମଞ୍ଜି |
| ଗଣିତ ଖାତା | ........ ଟି ତେନ୍ତୁଳିମଞ୍ଜି |